## ଖରିଫ୍ ମିନିକିଟ୍ ପୋଗ୍ରାମ

ଚଳିତ ବର୍ଷ ଖରିଫ ଋତୁରେ ସବୁଜ ଘାସ ଚାଷ ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟକୁ ନିମ୍ନପ୍ରକାର ଘାସ ମଞ୍ଜି ପ୍ୟାକେଟ୍ ଯୋଗାଇ ଦିଆଯାଇଅଛି । ତେଣୁ ଆଗ୍ରହି ଚାଷୀ ବନ୍ଧୁ ସଂପୃକ୍ତ ଜିଲ୍ଲାର ସି.ଡି.ଭି.ଓ. କିମ୍ବା ସରକାରୀ ତୃଣ ଉନ୍ନୟନ ଅଧିକାରୀଙ୍କ ସହ ଯୋଗାଯୋଗ କଲେ ତାହା ସୁଲଭ ମୂଲ୍ୟରେ ପାଇପାରିବେ ।

୧) ଏନ୍.ପି. ଚେରୀ - ୨ କେଜି - ୧୦ ଡିସିମିଲ୍ - ମୂଲ୍ୟ ୧୦ ଟଙ୍କା
୨) ପୁଷା ଚେରି-୯ - ୨ କେଜି - ୧୦ ଡିସିମିଲ୍ - ମୂଲ୍ୟ ୧୦ ଟଙ୍କା
୩) ବରଗୁଡି - ୧ କେଜି - ୧୦ ଡିସିମିଲ୍ - ମୂଲ୍ୟ ୧୦ ଟଙ୍କା
୪) ରାଇସ୍‌ବିନ୍ - ୧ କେଜି - ୧୦ ଡିସିମିଲ୍ - ମୂଲ୍ୟ ୧୦ ଟଙ୍କା

## ରାଜ୍ୟର ପଶୁପକ୍ଷୀ ସଂଖ୍ୟା (ପଶୁ ସଂପଦ ଗଣନା ୨୦୦୩ ଅନୁଯାୟୀ)

୧) ଗୋରୁ ଗାଈ ସଂଖ୍ୟା - ୧ କୋଟି ୪୨ ଲକ୍ଷ ୮୦ ହଜାର ୫ ଶହ ୫୯
  କ) ଦେଶୀ - ୧ କୋଟି ୩୧ ଲକ୍ଷ ୪୪ ହଜାର ୩ ଶହ ୫୯
  ଖ) ଶଂକର - ୧୧ ଲକ୍ଷ ୩୬ ହଜାର ୨ ଶହ
୨) ମଇଁଷିଙ୍କ ସଂଖ୍ୟା - ୧୪ ଲକ୍ଷ ୩୮ ହଜାର ୮୭୫
  କ) ଦେଶୀ - ୧୩ ଲକ୍ଷ ୮୨ ହଜାର ୩୫
  ଖ) ଉନ୍ନତ - ୫୬ ହଜାର ୮ ଶହ ୪୦
୩) ସମୁଦାୟ ଗୋ-ମହିଷାଦିଙ୍କ ସଂଖ୍ୟା - ୧ କୋଟି ୫୭ ଲକ୍ଷ ୧୯ ହଜାର ୪୩୪
୪) ସମୁଦାୟ ପ୍ରଜନନକ୍ଷମ ଗୋ-ମହିଷାଦିଙ୍କ ସଂଖ୍ୟା - ୪୪ ଲକ୍ଷ ୬୩ ହଜାର
  କ) ଛଡା ବା ଗାଈ - ୪୦ ଲକ୍ଷ ୪୨ ହଜାର ୯ ଶହ ୯୫
  ଖ) ମଇଁଷି - ୪ ଲକ୍ଷ ୨୦ ହଜାର ୫
୫) ମୋଟ ପଶୁ ସଂପଦ ସଂଖ୍ୟା - ୨ କୋଟି ୪୦ ଲକ୍ଷ ୨୨ ହଜାର ୨ ଶହ ୬
୬) ମେଣ୍ଢା ସଂଖ୍ୟା - ୧୭ ଲକ୍ଷ ୫୮ ହଜାର ୭ ଶହ
୭) ଛେଳି ସଂଖ୍ୟା - ୫୯ ଲକ୍ଷ ୭୩ ହଜାର ୯ ଶହ ୧୯
୮) ଘୁଷୁରୀ ସଂଖ୍ୟା - ୫ ଲକ୍ଷ ୬୯ ହଜାର ୫ ଶହ ୩୩
୯) ପକ୍ଷୀ ସଂଖ୍ୟା - ୧ କୋଟି ୮୯ ଲକ୍ଷ ୯୪ ହଜାର ୭ ଶହ ୫୩

### କ୍ଷୀର, ମାଂସ ଓ ଅଣ୍ଡା ଉତ୍ପାଦନ

ବର୍ତ୍ତମାନ ଆମ ଦେଶରେ ଦୈନିକ ମୁଣ୍ଡପିଛା କ୍ଷୀର - ୨୩୧ ମି.ଲି, ମାଂସ - ୧୨ ଗ୍ରାମ୍ ଓ ବାର୍ଷିକ ୪୦ ଗୋଟି ଅଣ୍ଡା ମିଳୁଥିବା ବେଳେ ତାହା ଆମ ରାଜ୍ୟରେ ମୁଣ୍ଡପିଛା ଦୈନିକ ୭୪ ମି.ଲି. କ୍ଷୀର, ମାଂସ - ୫ ଗ୍ରାମ୍ ଓ ବାର୍ଷିକ ୩୧ ଗୋଟି ଅଣ୍ଡା ମିଳୁଅଛି ।

## କିଶାନ୍ କଲ ସେଣ୍ଟର, ଜାଣନ୍ତି କି ?

ଭାରତ ସରକାରଙ୍କ କୃଷି ଓ ସମ୍ବାୟ ବିଭାଗର ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ସ୍ତରରେ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ଚାଷୀ ତଥା ପଶୁ ପାଳକ ମାନଙ୍କ ପାଇଁ ଆବଶ୍ୟକୀୟ ଜରୁରୀକାଳୀନ ସେବା ''କିଶାନ୍ କଲ୍ ସେଣ୍ଟର୍'' ଉପଲବ୍ଧ ।

ଏହି ସେବା ପାଇବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୫୫୧ କୁ ତୁରନ୍ତ ଯୋଗାଯୋଗ କରନ୍ତୁ । ଆପଣ ଆପଣଙ୍କ ନିଜ ଆଞ୍ଚଳିକ ଭାଷାରେ କଥାବାର୍ତ୍ତା କଲେ ଉତ୍ତର ପାଇପାରିବେ । ସେଥିପାଇଁ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ଆମଦେଶର ୧୨ ଗୋଟି ସ୍ଥାନରେ ଏହି କିଷାନ କଲ୍ ସେଣ୍ଟର ଖୋଲିଛନ୍ତି ଏବଂ ଏହା ସକାଳ ୬ଟାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରୁଅଛି । ଏହି ସେଣ୍ଟର ଗୁଡିକୁ ଅଧିକ ଦକ୍ଷତା ସଂପନ୍ନ କରିବାକୁ ୧୧୬ ଗୋଟି ଲେଭେଲ୍-୧ (Level-1) କଲ୍ ସେଣ୍ଟର ଏଜେଣ୍ଟ, ୧୨୩ ଗୋଟି ଲେଭେଲ-୨ (Level-2) ଗବେଷଣାବିତ୍ ଏବଂ ୧୩ ଗୋଟି ଲେଭେଲ୍-୩ (Level-3) କେନ୍ଦ୍ର ସରକାରଙ୍କ ମୁଖ୍ୟ ଦପ୍ତର କର୍ମଚାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଯଦି ଚାଷୀ ବା ପଶୁ ପାଳକ ମାନଙ୍କର ସଠିକ୍ ଉତ୍ତର ଦେବାରେ ଲେଭେଲ୍-୧ ସକ୍ଷମ ନହୁଅନ୍ତି ତେବେ ବିଭିନ୍ନ ବଡବଡ କୃଷି ଅନୁଷ୍ଠାନରେ ବୈଜ୍ଞାନିକ ମାନେ ଏହାର ଉତ୍ତର ଦେବେ । ଯଦି ଲେଭେଲ୍-୨ ଚାଷୀ ଭାଇମାନଙ୍କର କୌଣସି କାରଣରୁ ଉତ୍ତର ଦେବାରେ ସକ୍ଷମ ହେଲେ ନାହିଁ ତେବେ ସମ୍ପୃକ୍ତ ବିଭାଗୀୟ ନିର୍ଦ୍ଦେଶାଳୟ ୪୮ ଘଣ୍ଟା ମଧ୍ୟରେ ଚିଠି ବା ଟେଲିଫୋନ୍ ମାଧ୍ୟମରେ ଆପଣ ଚାହୁଁଥିବା ଉତ୍ତର ପଠାଇବାର ବ୍ୟବସ୍ଥା ରହିଛି ।

ତେବେ ଆସନ୍ତୁ ଚାଷୀଭାଇ ଆମର ପଶୁପାଳନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଜାଣିବା ପାଇଁ ବିନା ଶୁଳ୍କରେ ଟେଲିଫୋନ୍ ନମ୍ବର ୧୫୫୧ କୁ ଡାଏଲ୍ କରିବା ।

## ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସାମଲଙ୍କ ଅବସର ଗ୍ରହଣ



ଆଜି ତା ୩୧.୦୫.୨୦୦୫ ରିଖ ଦିନ ଅପରାହ୍ନରେ ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ନନିଗୋପାଳ ସାମଲ ଏବଂ ପ୍ରତିଷ୍ଠାନ ଅଧିକାରୀ ଦିଲ୍‌ଦାର୍ ହୁସେନ୍ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ନିର୍ଦ୍ଦେଶାଳୟ ତରଫରୁ ଏକ ବିଦାୟ କାଳୀନ ସଭା ଆୟୋଜନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ ସହ ଉତ୍ସବିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଉତ୍ସବରେ ସୂଚନା ଅଧିକାରୀ ଡାଃ. ବିରକିଶୋର ପରିଡା, ପରିସଂଖ୍ୟାନ ସହାୟକ ରବିନାରାୟଣ ଦାଶ, ଗୁପ୍ତ ପଞ୍ଜିକା ସହାୟକ ଲକ୍ଷ୍ମୀଧର ଦାଶ, ଉପ ବିଭାଗ ଅଧିକାରୀ କାହ୍ନୁ ଚରଣ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବା ସଂଗେ ସଂଗେ ବିଦାୟୀ ଅଧିକାରୀ ମାନଙ୍କର ସୁଦୀର୍ଘ ଜୀବନ କାମନା କରିବା ସହିତ ବାକିଜୀବନ ସୁଖମୟ ହେଉ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

ସଭା ଶେଷରେ ବ୍ୟୁରର ସଂପାଦକ ନିରଞ୍ଜନ ତାରିଣିଆ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଥାଉକି ଇତିମଧ୍ୟରେ ପଶୁଚିକିତ୍ସା ନିର୍ଦ୍ଦେଶାଳୟର ନୂତନ ଯୁଗ୍ମ ନିର୍ଦ୍ଦେଶକ ଭାବେ ଡାଃ ସତ୍ୟନାରାୟଣ ପଟ୍ଟନାୟକ କାର୍ଯ୍ୟରେ ଯୋଗଦାନ କରିଛନ୍ତି ।

## ଓଡିଶା ପଶୁଚିକିତ୍ସକ ସଂଘ

'ବିବର୍ତ୍ତନ', ଏ/୮, ନୀଳକଣ୍ଠ ନଗର, ଭୁବନେଶ୍ୱର



**(ପଶୁପାଳନ ଓ ପଶୁଚିକିତ୍ସା ବିଭାଗରେ କାର୍ଯ୍ୟରତ ସଦସ୍ୟଙ୍କୁ ବାର୍ତ୍ତା)**

ଶ୍ରଦ୍ଧେୟ ବନ୍ଧୁ,

ଆମ ରାଜ୍ୟର ସାମ୍ପ୍ରତିକ ଆର୍ଥୀକ ସ୍ଥିତି ଦୃଷ୍ଟିରୁ ସଂପୃକ୍ତ କେନ୍ଦ୍ରୀୟ ଅନୁଦାନରେ ପରିଚାଳିତ କାର୍ଯ୍ୟକ୍ରମ ଗୁଡିକ ଆମ ବୈଷୟୀକ ବିଭାଗ ପାଇଁ ଏକ ଉତ୍ତମ ସୁଯୋଗ ଓ ଆହ୍ୱାନ ମଧ୍ୟ । ଆପଣ ଜାଣନ୍ତି, 'ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ' ଓ 'ପଶୁରୋଗ ନିୟନ୍ତ୍ରଣ ପାଇଁ ରାଜ୍ୟ ମାନଙ୍କୁ ସାହାଯ୍ୟ' ଏହି ପରି ଦୁଇଟି କାର୍ଯ୍ୟକ୍ରମ ବର୍ତ୍ତମାନ ଆମ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି । ଲକ୍ଷ୍ୟ କରିବେ, ପଶୁ ପାଳନ ମାଧ୍ୟମରେ ରାଜ୍ୟ ପ୍ରଗତି ପାଇଁ ଏ ଦୁଇଟି ଅପରିହାର୍ଯ୍ୟ ଓ ପରସ୍ପରର ପରିପୂରକ । ଏଣୁ ଆମେ ସମସ୍ତେ ଏ ଗୁଡିକର ସଫଳ ରୂପାୟନ ପାଇଁ ପୂର୍ଣ୍ଣପ୍ରାଣରେ ଚେଷ୍ଟିତ ହେବା ଉଚିତ୍ ।

କାର୍ଯ୍ୟକ୍ରମର ଆକାର ଓ ବ୍ୟାପ୍ତି ଦୃଷ୍ଟିରୁ ରୂପାୟନ ପ୍ରକ୍ରିୟାର ଧାରାରେ ବିଭିନ୍ନ ପ୍ରକାରର ବିଘ୍ନ ଦେଖାଦେବା ସ୍ୱାଭାବିକ୍ । ଆମେ ସାମୟୀକ ପର୍ଯ୍ୟାଲୋଚନା ସଭାମାନଙ୍କରେ ଏଗୁଡିକ ସଠିକ୍ ଉପସ୍ଥାପନା କରି ଉପଯୁକ୍ତ ସ୍ତରରେ ତାହାର ନିରାକରଣର ଉପାୟ ବାହାର କରିପାରିବା । ଆପଣ ଜାଣନ୍ତି, ଅର୍ଥ ଏ କ୍ଷେତ୍ରରେ ପ୍ରତିବନ୍ଧକ ନୁହେଁ ବରଂ ରୂପାୟନର ସମୟ ସାରଣୀର ଗୁରୁତ୍ୱ ମଧ୍ୟ ଉପଲବ୍ଧି କରିବା । ଏ ଭଳି ସୁଯୋଗ ଭବିଷ୍ୟତରେ ଆସି ନ ପାରେ । ପଶୁପକ୍ଷୀ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟର ଅନ୍ୟ ରାଜ୍ୟ ସହିତ ତୁଳନାତ୍ମକ ସ୍ଥିତି ସୁଧାରିବାର ସୁଯୋଗକୁ ଆମେ ହାତଛଡା କରିବା ନାହିଁ ।

ଆମେ ନିଷ୍ଠାର ସହ କାର୍ଯ୍ୟ କରିବା । ଏଥି ପାଇଁ ଅନ୍ୟମାନଙ୍କୁ ପ୍ରୋତ୍ସାହିତ ଓ ସହଯୋଗ ମଧ୍ୟ କରିବା । କ୍ଷେତ୍ର ପରିଦର୍ଶନକୁ ଗୁରୁତ୍ୱ ଦେବା ସହିତ ନିଷ୍ଠାହୀନତାକୁ ସରକାରଙ୍କର ଦୃଷ୍ଟିକୁ ଆଣିବାରେ ଯତ୍ନବାନ ହେବା । କୌଣସି ଚାପର ବଶବର୍ତ୍ତୀ ହେବା ନାହିଁ । ନିର୍ଭିକ ହେବା । ସାଫଲ୍ୟ ଆମର ହେବ ।

ପଶୁ ଧନ ଉନ୍ନତିରେ ପଶୁପାଳକଙ୍କର ଉନ୍ନତି, ଏହା ହିଁ ଆମର କାମ୍ୟ ।

ଧନ୍ୟବାଦ୍

**ରବୀନ୍ଦ୍ର ମୋହନ ମହାରଥୀ**
ସମ୍ପାଦକ